# NATIONAL NEWS BULLETIN (ODIA)

## 16th April - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଭାରତ ଓ ଫିନ୍‌ଲାଣ୍ଡ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷୀୟ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଉଭୟ ଦେଶ ।
- ସଡ଼କ ସୁରକ୍ଷା ଅଭିଯାନକୁ ସମସ୍ତ ସ୍କୁଲ୍‌ରେ କାର୍ଯ୍ୟକାରୀ କରାଯିବା ନେଇ ଆଜି ଶିକ୍ଷା ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର ।
- ଦେଶରେ ପ୍ରଥମ ଥରଲାଗି ମୁମ୍ବାଇ-ମନ୍ମଦ ପଞ୍ଚବଟୀ ଏକ୍ସପ୍ରେସ୍‌ରେ ଆରମ୍ଭ ହେଲା ଏ.ଟି.ଏମ୍. ବ୍ୟବସ୍ଥା ।
- ଏକ ଆର୍ଥିକ ଦୁର୍ନୀତି ମାମଲାରେ ପେରୁର ପୂର୍ବତନ ରାଷ୍ଟ୍ରପତିଙ୍କୁ ୧୫ ବର୍ଷର କାରା ଦଣ୍ଡାଦେଶ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାକୁ ରାଜସ୍ଥାନ ରୟାଲ୍‌ସ୍‌ର ନିଷ୍ପତ୍ତି ।

## ମୋଦି - ଫିନ୍‌ଲାଣ୍ଡ ପ୍ରେସିଡେଣ୍ଟ

ଭାରତ ଓ ଫିନ୍‌ଲାଣ୍ଡ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଦ୍ୱିପକ୍ଷୀୟ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଫିନ୍‌ଲାଣ୍ଡର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍'ଙ୍କ ସହିତ ଟେଲିଫୋନ୍ ମାଧ୍ୟମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କରିଥିବା ଆଲୋଚନାରୁ ଏହି ସୂଚନା ମିଳିଛି । ଆଲୋଚନା କାଳରେ ଉଭୟ ନେତା ଆପୋଷ ସ୍ୱାର୍ଥଜଡ଼ିତ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ସହିତ ୟୁକ୍ରେନ୍ ସ୍ଥିତି ଉପରେ ମଧ୍ୟ ମତ ବିନିମୟ କରିଥିବା ଜଣାପଡ଼ିଛି । ସେହିଭଳି ଦୁଇ ଦେଶ ମଧ୍ୟରେ ଡିଜିଟାଲାଇଜେସନ ଓ ଗମନାଗମନ ଆଦି କ୍ଷେତ୍ରରେ ଥିବା ସହଯୋଗର ଅଗ୍ରଗତି ସମ୍ପର୍କରେ ମଧ୍ୟ ଉଭୟ ନେତା ସମୀକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ କ୍ୱାଣ୍ଟମ୍, 5-G, 6-G, କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର ନିରାପତ୍ତା ଆଦି କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ସହମତ ହୋଇଛନ୍ତି । ଏହି ଆଲେଚାନା ସମୟରେ

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଫିନ୍‌ଲାଣ୍ଡକୁ ୟୁରୋପୀୟ ସଂଘରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ ଅଭିହିତ କରିଛନ୍ତି । ସେହିଭଳି ଭାରତ ୟୁରୋପୀୟ ସଂଘ ସମ୍ପର୍କକୁ ନିକଟତର କରାଇବା ସହିତ ଏକ ଆପୋଷ ଲାଭଦାୟକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ସ୍ୱାକ୍ଷର କରିବା ପ୍ରସଙ୍ଗରେ ଫିନ୍‌ଲାଣ୍ଡର ସମର୍ଥନ ରହିଛି ବୋଲି ରାଷ୍ଟ୍ରପତି ଶ୍ରୀ ଷ୍ଟବ୍’ କହିଛନ୍ତି ।

## ସି.ଜେ.ଆଇ. - ଗବାଇ

ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ବି.ଆର୍. ଗବାଇଙ୍କ ନାମ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ସୁପାରିସ କରାଯାଇଛି । ସୁପ୍ରିମ୍ କୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଭାବେ ବର୍ତ୍ତମାନ କାର୍ଯ୍ୟରତ ଜଷ୍ଟିସ୍ ଗବାଇଙ୍କ ନାମ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ସୁପାରିସ କରିଛନ୍ତି । ଜଷ୍ଟିସ୍ ଖାନ୍ନାଙ୍କର କାର୍ଯ୍ୟକାଳ ଆସନ୍ତାମାସ ୧୩ ତାରିଖରେ ଶେଷ ହେଉଛି ।

## ରୋଡ୍ ସେଫ୍ଟି - ସ୍କୁଲ୍‌ସ୍

ସଡ଼କ ସୁରକ୍ଷା ଅଭିଯାନକୁ ଦେଶବ୍ୟାପୀ ସମସ୍ତ ସ୍କୁଲ୍‌ରେ କାର୍ଯ୍ୟକାରୀ କରାଯିବା ଉଦ୍ଦେଶ୍ୟରେ ଆଜି ଶିକ୍ଷା ମନ୍ତ୍ରଣାଳୟ ଏବଂ ସଡ଼କ ପରିବହନ ଓ

ରାଜପଥ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସଡ଼କ ଦୁର୍ଘଟଣା ଏବଂ ଅସୁରକ୍ଷିତ ଗାଡ଼ିଚାଳନା  ଯୋଗୁଁ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଜୀବନ ସଙ୍କଟାପନ୍ନ ହୋଇଛି । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କିତ ଜନ ସଚେତନତା ବୃଦ୍ଧି କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି । ଆଜି ନୂଆଦିଲ୍ଲୀରେ ସଡ଼କ ସୁରକ୍ଷା ସମସ୍ୟା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହିତ ସହ-ଅଧ୍ୟକ୍ଷତା କରିବା ପରେ ଏହି ସୂଚନା ଦେଇଛନ୍ତି ।

## ମାଣ୍ଡବୀୟ - ଆଇ.ଏମ୍.ଇ.ସି.

ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତରେ ଏକ ଦକ୍ଷତା ତାଲିମ୍ ପ୍ଲାଟ୍‌ଫର୍ମ ପ୍ରତିଷ୍ଠା ଉପରେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ସମ୍ମିଳନୀ-୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ମାଣ୍ଡବୀୟ କହିଛନ୍ତି, ଭାରତ ଏହାର ଯୁବବର୍ଗଙ୍କର ଦକ୍ଷତାକୁ ଅଧିକ ଉନ୍ନତ ତଥା ସୁସଂହତ କରି ବୈଶ୍ୱିକ କାର୍ଯ୍ୟରେ ବିନିଯୋଗ କରିବାର ସାମର୍ଥ୍ୟ

ରଖିଛି । ଏହି ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟ ଭାରତୀୟ ବିଶ୍ୱବିଦ୍ୟାଳୟରେ ତାଲିମ ଶିବିରମାନ ଆୟୋଜନ କରି 'ଆପୋଷ ଦକ୍ଷତା ପ୍ରମାଣପତ୍ର' ବ୍ୟବହାର କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଡକ୍ଟର ମାଣ୍ଡବୀୟ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ କେବଳ ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ନାହିଁ; ବରଂ ଭାରତର ଏହି ସୁକ୍ଷ୍ମ ଶକ୍ତିକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠା କରାଇବାରେ ସହାୟକ ହୋଇପାରିବ । ଏଥିସହିତ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗ ଏବଂ ଐତିହ୍ୟ ଓ ସାଂସ୍କୃତିକ ଅଭିବୃଦ୍ଧି ମଧ୍ୟ ବୃଦ୍ଧି ପାଇବ ବୋଲି ଡକ୍ଟର ମାଣ୍ଡବୀୟ କହିଛନ୍ତି ।

## ଏକ୍ସପୋର୍ଟ - ଇମ୍ପୋର୍ଟ ଗ୍ରୋଥ୍

ଭାରତର ବସ୍ତୁ ଓ ସେବା ରପ୍ତାନୀ କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ୫ ଦଶମିକ ୫ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଏହି ପରିମାଣ ८୨୦ ଦଶମିକ ୯/୩ ବିଲିୟନ୍ ଡଲାରରେ ପହଞ୍ଚିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି :

***Voice :....... (Nikhil)***

# ରେଲ୍‌ୱେ - ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ପ୍ରଥମ ରେଳଯାତ୍ରାର ୧୭୨ତମ ବାର୍ଷିକୀକୁ ଆଜି ସ୍ମରଣ କରିଛନ୍ତି । ଦେଶର ଏହି ଐତିହାସିକ ମୁହୂର୍ତ୍ତ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସ୍ମୃତିଚାରଣ କରି ଶ୍ରୀ ବୈଷ୍ଣବ କହିଛନ୍ତି, ୧୮୫୩ ମସିହାର ଆଜିର ଦିନରେ ଦେଶରେ ମହାରାଷ୍ଟ୍ରର ବୋରି ବନ୍ଦରଠାରୁ ଥାନେ ପର୍ଯ୍ୟନ୍ତ ପ୍ରଥମ ରେଳ ଚଳାଚଳ କରିଥିଲା । ଏହାକୁ ଦେଶର ଏକ ଐତିହାସିକ ଦିନ ଭାବେ ବର୍ଣ୍ଣନା କରିବା ସହ ଏଥିସହିତ ଭାରତୀୟ ରେଳବାଇର ଜନ୍ମ ହୋଇଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ୧୮୫୩ ମସିହାର ଏହିଦିନଟିକୁ ସର୍ବସାଧାରଣ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିଲା । ଏହି ଟ୍ରେନ୍‌ରେ ଥିବା ୧୪ଟି କୋଚ୍‌ରେ ୪୦୦ ଜଣ ନିମନ୍ତ୍ରିତ ଯାତ୍ରୀ ନିର୍ଦ୍ଧାରିତ ପଥରେ ଯାତ୍ରା କରିଥିଲେ । ଟ୍ରେନ୍‌ଟି ସିନ୍ଧ, ସୁଲ୍‌ତାନ ଓ ସାହେବ ନାମକ ୩ଟି ଇଞ୍ଜିନ୍‌ଦ୍ୱାରା ପରିଚାଳିତ ହୋଇ ୧ ଘଣ୍ଟା ୧୫ ମିନିଟ୍‌ରେ ବୋରି ବନ୍ଦରରୁ ଥାନେ ପର୍ଯ୍ୟନ୍ତ ୩୪ କିଲୋମିଟର ପଥ ଅତିକ୍ରମ କରିଥିଲା । ସେହିଦିନଠାରୁ ଭାରତୀୟ ରେଳବାଇ ଦେଶର ସେବା ଦିଗରେ ଉତ୍ସର୍ଗୀକୃତ ଭାବରେ ଦ୍ରୁତ ଅଗ୍ରଗତି କରିଚାଲିଛି ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

# ରେଲ୍‌ୱେ ଏ.ଟି.ଏମ୍.

ମୁମ୍ବାଇ-ମନ୍ମଦ ପଞ୍ଚବଟୀ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନେ ଏଣିକି ଟ୍ରେନ୍ ଭିତରେ ଏ.ଟି.ଏମ୍. ସୁବିଧା ପାଇପାରିବେ । କେନ୍ଦ୍ରୀୟ ରେଳବାଇ ପକ୍ଷରୁ ପ୍ରଥମ ଥର ଲାଗି ଆଜି ସମ୍ପୃକ୍ତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଏ.ଟି.ଏମ୍. ସ୍ଥାପନ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି ।  ଜଣେ ଯାତ୍ରୀ ସମ୍ପୃକ୍ତ ଟ୍ରେନ୍‌ଟି ଚାଲୁଥିବା ସମୟରେ ବ୍ୟାଙ୍କ୍ ଅଫ୍ ମହରାଷ୍ଟ୍ର ପକ୍ଷରୁ ଟ୍ରେନ୍‌ରେ ସ୍ଥାପନ କରାଯାଇଥିବା ଏ.ଟି.ଏମ୍. ବ୍ୟବହାର କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏକ ଭିଡ଼ିଓ ମାଧ୍ୟମରେ ସେୟାର କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗକୁ ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନୀଲା କହିଛନ୍ତି, ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଟ୍ରେନ୍‌ରେ ଏ.ଟି.ଏମ୍.ର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରାଯିବା ପରେ ପରବର୍ତ୍ତୀ ସମୟରେ ଏହି ସୁବିଧା ଅନ୍ୟାନ୍ୟ ଟ୍ରେନ୍‌ରେ ଉପଲବ୍ଧ କରାଯିବା ନେଇ ପଦକ୍ଷେପ ନିଆଯିବ ।

# ପୁଡୁଚେରୀ - ପି.ଏମ୍.ଏମ୍.ଏସ୍.ୱାଇ.

ଏନ୍.ଡି.ଏ. ସରକାରଙ୍କ ଅମଳରେ ଗତ ୧୦ ବର୍ଷ ମଧ୍ୟରେ ମତ୍ସ୍ୟ ଉତ୍ପାଦନ ପ୍ରାୟ ଦ୍ୱିଗୁଣିତ ହୋଇଛି ବୋଲି କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ

ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଜର୍ଜ କ୍ୟୁରିଆନ୍ କହିଛନ୍ତି । ଆଜି ପୁଡୁଚେରୀଠାରେ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧୀନରେ କେତେକ ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ୧୦ ବର୍ଷ ପୂର୍ବରୁ ଦେଶରେ ମତ୍ସ୍ୟ ଉତ୍ପାଦନ ୯୫ ଲକ୍ଷ ଟନ୍ ଥିବାବେଳେ ବର୍ତ୍ତମାନ ଏହା ୧୮୪ ଲକ୍ଷ ଟନ୍‌ରେ ପହଞ୍ଚିଛି । ଏହି ଯୋଜନା ଅଧୀନରେ ପୁଡୁଚେରୀରେ ୨ ହଜାର ୩ ଶହଟି ମାଛଧରା ବୋଟ୍‌ରେ ଟ୍ରାନ୍ସପଣ୍ଡର୍ ସ୍ଥାପନ କରାଯିବ ବୋଲି ଶ୍ରୀ କ୍ୟୁରିଆନ ଘୋଷଣା କରିଛନ୍ତି । ଏହି ଟ୍ରାନ୍ସପଣ୍ଡର ମାଧ୍ୟମରେ ମତ୍ସ୍ୟଜୀବୀମାନେ ସେମାନଙ୍କର ପରିବାର ସହିତ ଯୋଗାଯୋଗରେ ରହିପାରିବା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସହାୟତାର ସୁବିଧା ପାଇପାରିବେ । ଏତଦ୍‌ବ୍ୟତୀତ ଆନ୍ତର୍ଜାତିକ ସାମୁଦ୍ରିକ ସୀମା ଅତିକ୍ରମ କରିବା ସମୟରେ ସତର୍କ ସୂଚନା ସମେତ ମାଛର ଉପଲବ୍ଧତା ସମ୍ପର୍କିତ ସମୟୋପଯୋଗୀ ସୂଚନା ମଧ୍ୟ ପାଇପାରିବେ ବୋଲି ସେ କହିଛନ୍ତି । ଦେଶରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ବିକାଶ ପ୍ରତି ସରକାରଙ୍କର ପ୍ରତିଶ୍ରୁତିବଦ୍ଧତା ଦୋହରାଇ ଶ୍ରୀ କ୍ୟୁରିଆନ କହିଛନ୍ତି, ନୀଳ ବିପ୍ଳବ ଯୋଜନା ଲାଗି ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । କିଷାନ କ୍ରେଡିଟ୍ କାର୍ଡ଼ ଯୋଜନାରେ ଏଣିକି ମତ୍ସ୍ୟଜୀବୀମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁବିଧା ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ପେରୁ - ପ୍ରେସିଡେଣ୍ଟ

ପେରୁର ପୂର୍ବତନ ରାଷ୍ଟ୍ରପତି ଓଲ୍ଲାଣ୍ଟା ହୁମାଲା’ଙ୍କୁ ଏକ ଆର୍ଥିକ ଦୁର୍ନୀତି ମାମଲାରେ ୧୫ ବର୍ଷ କାରା ଦଣ୍ଡାଦେଶ ହୋଇଛି । ଜାତୀୟ ରାଜଧାନୀ ଲିମା ସ୍ଥିତ ଏକ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ୨୦୦୬ ଏବଂ ୨୦୧୧ ମସିହାରେ ନିଜର ନିର୍ବାଚନ ପ୍ରଚାରରେ ବ୍ୟାଙ୍କ୍‌ରୋଲ୍ ବାବଦରେ ଭେଞ୍ଜୁଏଲା ସରକାର ଏବଂ ବ୍ରାଜିଲ୍‌ର ଏକ ନିର୍ମାଣ କମ୍ପାନୀ ନିକଟରୁ ବେଆଇନ ଅର୍ଥ ଗ୍ରହଣ କରିବା ଅଭିଯୋଗରେ ତାଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି । ଶ୍ରୀ ହୁମାଲାଙ୍କ ପତ୍ନୀ ମଧ୍ୟ ଏହି ଆର୍ଥିକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୫ ବର୍ଷ ଜେଲ୍ ଦଣ୍ଡାଦେଶ ଭୋଗ କରିବେ ।

## ଅଶ୍ୱିନୀ - କଂଗ୍ରେସ

ନ୍ୟାସନାଲ ହେରାଲ୍‌ଡ ମାମଲାରେ କଂଗ୍ରେସ ତଳସ୍ତରର ରାଜନୀତି କରୁଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଭିଯୋଗ କରିଛନ୍ତି । ଋଷିକେଶଠାରେ ଗଣମାଧ୍ୟମ ନିକଟରେ କଂଗ୍ରେସ ନେତା ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ

ଅଦାଲତରେ ଅଭିଯୋଗ ପତ୍ର ଦାଖଲ ପରେ କଂଗ୍ରେସ ପକ୍ଷରୁ କରାଯାଉଥିବା ପ୍ରତିବାଦ ସମ୍ପର୍କରେ ନିଜ ପ୍ରତିକ୍ରିୟା ରଖି ଏହା କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ; ବରଂ ସମ୍ପୂର୍ଣ୍ଣରୂପେ ଏକ ଦୁର୍ନୀତି ମାମଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice :.......... (Vaishnav)***

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମୁକାବିଲା ହେବ । ନୂଆଦିଲ୍ଲୀ ସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ରୟାଲ୍‌ସ୍ ଟସ୍ ଜିତି ପ୍ରଥମ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ’ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୧୬ ରନ୍‌ରେ ପରାସ୍ତ କରିଥିଲା ।

*****